**E&IT Department Odisha** @EIT_Odisha · 13h

A Tech-Bootcamp on theme 'Empowering eGovernance through GIS' was organised for Senior Govt officials at National Informatics Centre, #Bhubaneswar. Inaugurating the Bootcamp, Dept Secy Shri @manojmishrasays spoke on facilitation of GIS based decision making via #5T initiatives.





**E&IT Department Odisha** @EIT_Odisha · 13h

The brainstorming session was organised to identify various domains where Geographical Information System(GIS) can be integrated. More than 60 officers from various Govt Depts participated in this workshop and interacted with the experts. #5T








48

ସମୟ
ଭୁବନେଶ୍ୱର
ସୋମବାର, ୨୧ ନଭେମ୍ବର ୨୦୨୨

### ଭୌଗୋଳିକ ସୂଚନା ପ୍ରଣାଳୀ ମାଧ୍ୟମରେ ଇ-ଗଭର୍ଣ୍ଣାନ୍ସ କର୍ମଶାଳା

# ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ

ଭୁବନେଶ୍ୱର, (ସବ୍ୟୁ) : ସମଗ୍ର ବିଶ୍ୱରେ ପ୍ରାକୃତିକ ସମ୍ପଦର ସଦୁପଯୋଗ କରିବା, ସଶକ୍ତ ନିର୍ଣ୍ଣୟ ନେବା, କୁଶଳ ସୁଶାସନ ଏବଂ ନାଗରିକମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାରେ ଭୌଗୋଳିକ ସୂଚନାପ୍ରଣାଳୀ (ଜି.ଆଇ.ଏସ୍) ଏକ ଦକ୍ଷ ଭୂମିକା ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀ ମାନଙ୍କ ପାଇଁ ଏକ କର୍ମଶାଳା ଆଜି ରାଷ୍ଟ୍ରୀୟସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାକୁ ଉଦ୍ଘାଟନ କରି ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ କୁମାର ମିଶ୍ର ସରକାରଙ୍କ ୫-ଟି ପଦକ୍ଷେପ ମାଧ୍ୟମରେ ଯୋଜନା, ଇ ଗଭର୍ଣ୍ଣାନ୍ସ ଏବଂ ଉପଲବ୍ଧ ସମ୍ବଳର ଉତ୍ତମ ଉପଯୋଗ ପାଇଁ ଅବସ୍ଥାନ/ ଜିଆଇଏସ୍ ଆଧାରିତ ନିଷ୍ପତ୍ତି ନେବାରେ ସୁବିଧା ପ୍ରଦାନ କରିବାର ପରିକଳ୍ପନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନ୍.ଆଇ.ସି ନୂଆଦିଲ୍ଲୀ ଜିଓସ୍ପେସିଆଲ ଟେକ୍ନୋଲୋଜି ଓ ସର୍ଭିସେସ୍ ବିଭାଗର ମୁଖ୍ୟ ତଥା ଉପମହାନିର୍ଦ୍ଦେଶକ ଡି. ଉଦୟକୁମାର ଗ୍ରାମ ପଞ୍ଚାୟତ ଫ୍ରେମୱାର୍କ ଇତ୍ୟାଦି ସମେତ ଏନ୍.ଆଇ.ସି ମାନଚିତ୍ର ସେବା ବିତରଣ ପଦ୍ଧତି ଉପରେ ଆଲୋଚନା କରିଥିଲେ।

ବ୍ୟାଙ୍ଗଲସ୍ଥିତ ଏସୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରଫେସର ଡ. ଜୟନ୍ତ କୁମାର ରାଉତରାୟ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସମଗ୍ର ବିଶ୍ୱରେ ଜିଆଇଏସର ବିଭିନ୍ନ ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭାରତ ମାନଚିତ୍ର ପ୍ଲାଟଫର୍ମ, ସ୍ପେସିଆଲ ଡାଟା ରିପୋଜିଟୋରୀରେ ଜିଆଇଏସ ଭଳି ବିଭିନ୍ନ ବିଷୟ ଉପରେ ଏନଆଇସି ଭୁବନେଶ୍ୱର ଏବଂ ନୂଆଦିଲ୍ଲୀର ବୈଜ୍ଞାନିକ ବିଜୟ କୁମାର ସାମଲ ଓ ଜୟନ୍ତ କୁମାର ମିଶ୍ର ପ୍ରମୁଖ ଆଲୋକପାତ କରିଥିଲେ। ଆରମ୍ଭରେ ରାଜ୍ୟ ସୂଚନା ବିଜ୍ଞାନଅଧିକାରୀ ସୁଶ୍ରୀ କବିତା ରାୟ ଦାସ ସମସ୍ତଙ୍କୁ ସ୍ୱାଗତ କରି ସମସ୍ତ ପ୍ରଶାସନିକ ସୀମା, ସ୍ଥାନ, ବିଧାନସଭା, ସଂସଦ ନିର୍ବାଚନମଣ୍ଡଳୀ ସୀମା, ପରିବହନ ସ୍ତର, ନଦୀ, ଜଳବିଭାଜିକା, ଜଙ୍ଗଲ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରି ମାନଚିତ୍ର ସେବାର ରାଜ୍ୟ ପୋର୍ଟାଲ ବିକଶିତ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କର୍ମଶାଳାକୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ରର ଉପମହାନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ହୋତା ସଂଚାଳନ କରିଥିଲାବେଳେ ପ୍ରଶିକ୍ଷଣ ବିଭାଗର ଉପମହାନିର୍ଦ୍ଦେଶକ ତଥା ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୬୦ରୁ ଅଧିକ ବରିଷ୍ଠ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ପ୍ରମାଣପତ୍ର ଗ୍ରହଣ କରିଥିଲେ ।

ସମାଜ
The Samaja

19.11.2022

## ଏନଆଇସିର ପ୍ରଶିକ୍ଷଣ ଶିବିର

# 'ଭୌଗୋଳିକ ସୂଚନା ପ୍ରଣାଳୀ ଅଧିକାରୀଙ୍କୁ ଦକ୍ଷ କରିବ'



ଭୁବନେଶ୍ୱର,୧୮ ।୧୧(ନି.ପ୍ର): ସମଗ୍ର ବିଶ୍ୱରେ ପ୍ରାକୃତିକ ସମ୍ପଦର ସଦୁପଯୋଗ, ସଶକ୍ତ ନିର୍ଣ୍ଣୟ ନେବା ତଥା କୁଶଳ ସୁଶାସନ ଏବଂ ନାଗରିକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାରେ ଭୌଗୋଳିକ ସୂଚନା ପ୍ରଣାଳୀ (ଜି.ଆଇ.ଏସ୍) ଏକ ଦକ୍ଷ ଭୂମିକା ଗ୍ରହଣ କରିଛି । ଏହା ମାଧ୍ୟମରେ ପ୍ରଶାସନକୁ କିଭଳି ସ୍ୱଚ୍ଛ ଓ ଗତିଶୀଳ କରାଯାଇ ପାରିବ ଏବଂ ଅଧିକାରୀମାନେ ଦକ୍ଷ ହୋଇ ପାରିବେ ତାକୁ ନେଇ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନଆଇସି)ରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

କର୍ମଶାଳାକୁ ଉଦଘାଟନ କରି ପ୍ରଯୁକ୍ତି ବିଦ୍ୟା ସଚିବ ମନୋଜ କୁମାର ମିଶ୍ର କହିଥିଲେ ଯେ ଆଗାମୀ ଦିନରେ ଏହି ପ୍ରଣାଳୀ ଜରିଆରେ ସମସ୍ତ ପ୍ରଶାସନିକ ସୀମା/ସ୍ଥାନ, ବିଧାନସଭା/ସଂସଦ ନିର୍ବାଚନମଣ୍ଡଳୀ ସୀମା, ପରିବହନ ସ୍ତର, ନଦୀ, ଜଳବିଭାଜିକା, ଜଙ୍ଗଲ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇ ପାରିବ । ରାଜ୍ୟ ସରକାରଙ୍କ '୫-ଟି' ପଦକ୍ଷେପ ମାଧ୍ୟମରେ ଯୋଜନା, ଇ-ଗଭର୍ଣ୍ଣାନ୍ସ ଏବଂ ଉପଲବ୍ଧ ସମ୍ବଳର ଉତ୍ତମ ଉପଯୋଗ ପାଇଁ ଜିଆଇଏସ ସହାୟକ ହେବ ଏବଂ ଅଧିକାରୀମାନେ ଦକ୍ଷ ହୋଇପାରିବେ ।

ସମ୍ମାନିତ ଅତିଥି ଭାବେ ଏନ୍‌ଆଇସିର ଡିଡିଜି ଭି. ଉଦୟ କୁମାର ଯୋଗଦେଇ ମାନଚିତ୍ର ସେବା ବିତରଣ ଉପରେ ଉପସ୍ଥାପନା କରିଥିଲେ । ଏସୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ, ବ୍ୟାଙ୍କକ ଥାଇଲାଣ୍ଡର ଅବସରପ୍ରାପ୍ତ ପ୍ରଫେସର (ଭୂଗୋଳ) ଡ. ଜୟନ୍ତ ରାଉତରାୟ ବୁଟକ୍ୟାମ୍ପରେ ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରି ସମଗ୍ର ବିଶ୍ୱରେ ଜିଆଇଏସ୍‌ର ବିଭିନ୍ନ ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଭାରତ ମାନଚିତ୍ର ପ୍ଲାଟଫର୍ମ ଏବଂ ସ୍ପେଶିଆଲ ଡାଟା ରିପୋଜିଟୋରିରେ ଜିଆଇଏସ୍ ଭଳି ବିଭିନ୍ନ ବିଷୟ ଉପରେ ଏନ୍‌ଆଇସି ଭୁବନେଶ୍ୱର ଏବଂ ନୂଆଦିଲ୍ଲୀର ବୈଜ୍ଞାନିକ ବିଜୟ ସାମଲ ଓ ଜୟନ୍ତ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ । ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ ସ୍ୱାଗତ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ଜେନେରାଲ ଡ. ଅଶୋକ କୁମାର ହୋତା ସଂଯୋଜନା କରିଥିଲେ । ପ୍ରଶିକ୍ଷଣ ବିଭାଗର ଡିଡିଜି ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
ପ୍ରଗତିବାଦୀ
ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL
PRAGATIVADI
19.11.2022

# ଭୌଗୋଳିକ ସୂଚନା ପ୍ରଣାଳୀରେ ଇ-ଗଭର୍ଣ୍ଣାନ୍ସ କର୍ମଶାଳା

■ ଭୁବନେଶ୍ୱର, ତା୧୮।୧୧(ପିଏନଏସ) ସମଗ୍ର ବିଶ୍ୱରେ ପ୍ରାକୃତିକ ସମ୍ପଦର ସଦୁପଯୋଗ କରିବା, ସଶକ୍ତ ନିର୍ଣ୍ଣୟ ନେବା, କୁଶଳ ସୁଶାସନ ଏବଂ ନାଗରିକମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାରେ ଭୌଗୋଳିକ ସୂଚନାପ୍ରଣାଳୀ (ଜି. ଆଇ. ଏସ୍) ଏକ ଦକ୍ଷ ଭୂମିକା ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀ ମାନଙ୍କ ପାଇଁ ଏକ କର୍ମଶାଳା ରାଷ୍ଟ୍ରୀୟସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା ।

ଏହି କର୍ମଶାଳାକୁ ଉଦଘାଟନ କରି ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ କୁମାର ମିଶ୍ର ସରକାରଙ୍କ ୫-ଟି ପଦକ୍ଷେପ ମାଧ୍ୟମରେ ଯୋଜନା, ଇ ଗଭର୍ଣ୍ଣାନ୍ସ ଏବଂ



ଉପଲବ୍ଧ ସମ୍ବଳର ଉତ୍ତମ ଉପଯୋଗ ପାଇଁ ଅବସ୍ଥାନ/ ଜିଆଇଏସ୍ ଆଧାରିତ ନିଷ୍ପତ୍ତି ନେବାରେ ସୁବିଧା ପ୍ରଦାନ ସମ୍ପର୍କରେ କହିଥିଲେ ।

ସମ୍ମାନିତ ଅତିଥି ଏନ୍.ଆଇ.ସି ନୂଆଦିଲ୍ଲୀ ଜିଓସ୍ପେସିଆଲ ଟେକ୍ନୋଲୋଜି ଓ ସର୍ଭିସେସ୍ ବିଭାଗର ମୁଖ୍ୟ ତଥା ଉପମହାନିର୍ଦ୍ଦେଶକ ଭି. ଉଦୟକୁମାର ଗ୍ରାମ ପଞ୍ଚାୟତ ଫ୍ରେମୱାର୍କ ଇତ୍ୟାଦି ସମେତ ଏନ୍.ଆଇ.ସି ମାନଚିତ୍ର ସେବା ବିତରଣ ପଦ୍ଧତି ଉପରେ ଆଲୋଚନା କରିଥିଲେ।

ବ୍ୟାଙ୍କକସ୍ଥିତ ଏସୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରଫେସର ଡ. ଜୟନ୍ତ କୁମାର ରାଉତରାୟ ବିଶ୍ୱରେ ଜିଆଇଏସର ବିଭିନ୍ନ ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଏନଆଇସି ଭୁବନେଶ୍ୱର ଏବଂ ନୂଆଦିଲ୍ଲୀର ବୈଜ୍ଞାନିକ ବିଜୟ କୁମାର ସାମଲ ଓ ଜୟନ୍ତ କୁମାର ମିଶ୍ର ପ୍ରମୁଖ ଆଲୋକପାତ କରିଥିଲେ। ଆରମ୍ଭରେ ରାଜ୍ୟ ସୂଚନା ବିଜ୍ଞାନଅଧିକାରୀ ସୁଶ୍ରୀ କବିତା ରାୟ ଦାସ ସମସ୍ତଙ୍କୁ ସ୍ୱାଗତ କରି ସମସ୍ତ ପ୍ରଶାସନିକ ସୀମା, ସ୍ଥାନ, ବିଧାନସଭା, ସଂସଦ ନିର୍ବାଚନମଣ୍ଡଳୀ ସୀମା, ପରିବହନ ସ୍ତର, ନଦୀ, ଜଳବିଭାଜିକା, ଜଙ୍ଗଲ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରି ମାନଚିତ୍ର ସେବାର ରାଜ୍ୟ ପୋର୍ଟାଲ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ରର ଉପମହାନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ହୋତା ସଂଚାଳନ କରିଥିଲାବେଳେ ପ୍ରଶିକ୍ଷଣ ବିଭାଗର ଉପମହାନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।